ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା । ସେଗୁଡ଼ିକ ହେଲା - ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠା, ମୟୂରଭଞ୍ଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର, ସରକାରୀ ଉଚ୍ଚ ବିଦ୍ୟାଳୟ, ତାରିଣୀପୋଷି, ଢେଙ୍କାନାଳ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାସାଗୋବିନ୍ଦପୁର, ମୟୂରଭଞ୍ଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ବଙ୍କିବାରିଗାଁ, କେନ୍ଦୁଝର, ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଲଟ, ନୂଆପଡ଼ା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପିଳାସ, ଢେଙ୍କାନାଳ, ସରକାରୀ ଉଚ୍ଚ ବିଦ୍ୟାଳୟ, ବି.ସି.ପୁର, ମୟୂରଭଞ୍ଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ରାମପୁର, ବଲାଙ୍ଗିର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିସଙ୍କରା, ସୁନ୍ଦରଗଡ଼ ।

୨୦୦୯ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟମାନଙ୍କରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେମାନେ ହେଲେ : ଅନୁସୂଚିତ ଜନଜାତି ଛାତ୍ରୀଙ୍କ ମଧ୍ୟରେ ସୁଶ୍ରୀ ସଂଜିତା ପ୍ରଧାନ, ସୁଶ୍ରୀ ଆରାଧନା ଟପ୍ପୋ, ସୁଶ୍ରୀ ରାଦ୍ମୀ ସିଂ ଏବଂ ସୁଶ୍ରୀ ରାଇମଣି ମୁର୍ମୁ । ଅନୁସୂଚିତ ଜନଜାତି ଛାତ୍ରଙ୍କ ମଧ୍ୟରେ ଶ୍ରୀମାନ୍ ଖଗେଶ୍ୱର ମୁର୍ମୁ, ଶ୍ରୀମାନ୍ ଲବ ବାସ୍କେ, ଶ୍ରୀମାନ୍ ବିନୋଦ ମୁର୍ମୁ , ଶ୍ରୀମାନ୍ ସୁନାରାମ ମାଝୀ । ଅନୁସୂଚିତ ଜାତି ଛାତ୍ରୀଙ୍କ ମଧ୍ୟରେ ସୁଶ୍ରୀ ପଙ୍କଜିନୀ ଜେନା, ସୁଶ୍ରୀ କମଳିନୀ ଜେନା, ସୁଶ୍ରୀ ଅନସୂୟା ସେଠୀ, ସୁଶ୍ରୀ ଲକ୍ଷ୍ମୀ ବଡ଼ାଇକ୍ । ଅନୁସୂଚିତ ଜାତି ଛାତ୍ରଙ୍କ ମଧ୍ୟରେ ଶ୍ରୀମାନ୍ କୁନା ସିଂ, ଶ୍ରୀମାନ୍ ସୁଧିଷ୍ଠିର ବେହେରା, ଶ୍ରୀମାନ୍ ଖଗେନ୍ଦ୍ର ପାତ୍ର ଏବଂ ଶ୍ରୀମାନ୍ ବିକ୍ରମ ବାଗ । ଆଦିମ ଜନଜାତି ଛାତ୍ରୀଙ୍କ ସୁଶ୍ରୀ ପ୍ରମିଳା ଚାଲାନ୍ ଏବଂ ସୁଶ୍ରୀ ମିସେନ୍ ମଣ୍ଡଳ । ଆଦିମ ଜନଜାତି ଛାତ୍ରଙ୍କ ଶ୍ରୀମାନ୍ ଦିବାକର ଶବର ଏବଂ ଶ୍ରୀମାନ୍ ଅମୀୟ ମଣ୍ଡଳ ।

ଏହି ଅବସରରେ ଶେଷ ସଂଧାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାକୁ ଥିବା ନୃତ୍ୟ ଗୁଡ଼ିକ ହେଲା ମାଲକାନଗିରି ଜିଲ୍ଲାରୁ ଆସିଥିବା କୋୟା ନୃତ୍ୟ ଏବଂ କୋରାପୁଟ ଜିଲ୍ଲାରୁ ଆସିଥିବା ପରଜା ନୃତ୍ୟ । K.I.S.S. ଅନୁଷ୍ଠାନ ଦ୍ୱାରା ପରିବେଷିତ ଦେଶିଆ କନ୍ଧ ନୃତ୍ୟ ଓ ଆଇ.ଟି.ଡ଼ି.ଏ., ଥୁ. ରାମପୁରର ଘୁମୁରା ନୃତ୍ୟ ଦର୍ଶକଙ୍କର ମନ ମୋହିଥିଲା ।

***